# ସାହିତ୍ୟ ଏକାଡେମୀ ଆୟୋଜିତ ସାହିତ୍ୟୋତ୍ସବ ଉଦ୍‌ଯାପିତ



ନୂଆଦିଲ୍ଲୀ, ୧୨/୦୩ (ଆ.ପ୍ର) : ନୂଆଦିଲ୍ଲୀର ରବୀନ୍ଦ୍ର ଭବନ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଏସିଆର ସର୍ବବୃହତ ସାହିତ୍ୟୋତ୍ସବ ଉଦଯାପିତ ହୋଇଯାଇଛି । ଉତ୍ସବର ଅନ୍ତିମ ଦିନରେ ଯୋଗ ଦେଇଥିଲେ ଦିବ୍ୟାଙ୍ଗ ଲେଖକ ଏବଂ ଶିଶୁ ପ୍ରତିଭା । ଆଜି ପନ୍ଦରଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଆଜିର ମୁଖ୍ୟ ଆକର୍ଷଣ ଥିଲା ଦିବ୍ୟାଙ୍ଗ ଲେଖକ ସମ୍ମିଳନୀ । ଏଥିରେ ବିନୋଦ ଆସୁଦାନୀ ଏବଂ ଅରବିନ୍ଦ ପି. ଭାଟିକରଙ୍କ ଅଧ୍ୟକ୍ଷତାରେ ୧୦ଟି ଭାଷାର ଦିବ୍ୟାଙ୍ଗ ଲେଖକ କବିତା ଏବଂ ଗଳ୍ପ ପାଠ କରିଥିଲେ । ଆଠଟି ଅଧିବେଶନରେ ଉପନ୍ୟାସର ଭବିଷ୍ୟତ, ଭାରତର ସାଂସ୍କୃତିକ ପରମ୍ପରା ଉପରେ ବିଶ୍ୱାୟନର ପ୍ରଭାବ, ଅନୂଦିତ କୃତି ପଠନର ଗୁରୁତ୍ୱ, ଏକତା ଏବଂ ସାମାଜିକ ସଂହତି, କୃତ୍ରିମ ବୁଦ୍ଧିମତା ଏବଂ ସାହିତ୍ୟ ସୃଷ୍ଟି ଇତ୍ୟାଦି ବିଷୟରେ ଲେଖକ ଓ ବିଶେଷଜ୍ଞମାନେ ଆଲୋଚନା କରିଥିଲେ । ଭାରତୀୟ ସାହିତ୍ୟ ପରମ୍ପରା: ଐତିହ୍ୟ ଏବଂ ବିକାଶ ଶୀର୍ଷକ ଜାତୀୟ ଆଲୋଚନାଚକ୍ରର ଶେଷ ଦିନରେ ଭାରତୀୟ କବିତା, ଦଳିତ ସାହିତ୍ୟ ଏବଂ ଆଧ୍ୟାତ୍ମିକ ସାହିତ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହି ଅଧିବେଶନଗୁଡ଼ିକର ଅଧ୍ୟକ୍ଷତା କରିଥିଲେ ବିଶ୍ୱନାଥ ପ୍ରସାଦ ତିୱାରୀ, ଶ୍ୟୋରାଜ ସିଂହ ବେଚୈନ ଏବଂ ବିଷ୍ଣୁ ଦତ୍ତ ରାକେଶ । ଏଥିସହିତ ବହୁଭାଷୀ କବି ସମ୍ମିଳନୀ ଏବଂ ଗଳ୍ପ ପାଠର ତିନୋଟି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ଓ ରେଖାଚିତ୍ର ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ୧୫ଟି ସ୍କୁଲର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ୧୨ ଜଣ କୃତି ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା । ପ୍ରସିଦ୍ଧ ବଙ୍ଗଳା ଲେଖକ ସୁବୋଧ ସରକାରଙ୍କ ସହିତ ଆଜ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ 'ଲେଖକଙ୍କ ସହ ସାକ୍ଷାତ' ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ, ତାଙ୍କର ପୁରସ୍କାରପ୍ରାପ୍ତ ବଙ୍ଗଳା କବିତା ସଂଗ୍ରହ 'ଦ୍ୱୈପାୟନ ସରୋବର କେ କିନାରେ'ର ହିନ୍ଦୀ ଅନୁବାଦ ସାହିତ୍ୟ ଏକାଡେମୀର ବିଶିଷ୍ଟ ସଦସ୍ୟ ଏବଂ ପୂର୍ବତନ ସଭାପତି ବିଶ୍ୱନାଥ ପ୍ରସାଦ ତିୱାରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ପୁସ୍ତକର ଅନୁବାଦକ ଅମ୍ରିତା ବେରା ଏବଂ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଏସିଆର ଏହି ସର୍ବବୃହତ ସାହିତ୍ୟ ମହୋତ୍ସବରେ ଛଅ ଦିନରେ ୭୦୦ ରୁ ଅଧିକ ଲେଖକ ଏବଂ ବିଦ୍ୱାନ ଯୋଗ ଦେଇ ଉତ୍ସବକୁ ସଫଳ କରିଥିଲେ । ୧୦୦ରୁ ଅଧିକ ଅଧିବେଶନରେ ଅଂଶଗ୍ରହଣ ଦେଶର ୫୦ ରୁ ଅଧିକ ଭାଷାର ପ୍ରତିନିଧିତ୍ୱ ହୋଇଥିଲା । ଏହି ଉତ୍ସବର ବିଭିନ୍ନ ଅଧିବେଶନରେ ଓଡ଼ିଶାର ଅନେକ ପ୍ରତିଷ୍ଠିତ ଏବଂ ଯୁବ ଲେଖକ ଲେଖିକା ଯୋଗ ଦେଇଥିଲେ ।